# ଭାରତୀୟ ଜନତା ପାର୍ଟି, ଓଡିଶା

## ଅଗଷ୍ଟ ୩୦ ଓ ୩୧ ଦୁଇ ଦିନ ଧରି

## ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ମହାଧିବେଶନ : ବିଜେପି

- **ଯୋଗ ଦେବେ ବିଜେପି ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ଅଧକ୍ଷା ଶ୍ରୀମତୀ ବିଜୟା ରାହତକର**
- **ଓଡିଶାର ମା' ମାନଙ୍କୁ  ଶକ୍ତିଶାଳୀ କରାଇବା ସହ ସ୍ୱୟଂସଂପୂର୍ଣ୍ଣା କରାଇବା ଏହି ଅଧିବେଶନର ପ୍ରମୁଖ ଲକ୍ଷ୍ୟ**
- **ଶାସକ ବିଜେଡିର ମହିଳା ବିରୋଧି ନୀତି ବିରୁଦ୍ଧରେ ଲଢିବା ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ଯୋଜନା**

**ଭୁବନେଶ୍ୱର, ତା୨୭/୦୮ :** କେନ୍ଦ୍ର ସରକାରଙ୍କ ବିଭିନ୍ନ ମହିଳା କଲ୍ୟାଣ ଯୋଜନାର ସଫଳତା ଏବଂ ଅନ୍ୟ ପଟେ ରାଜ୍ୟରେ ଶାସକ ବିଜେଡିର ମହିଳା ବିରୋଧୀ ଆଭିମୁଖ୍ୟକୁ ରାଜ୍ୟର ଅଗଣିତ ମାଁ ଏବଂ ଭଉଣୀମାନଙ୍କ ପାଖରେ ପହଂଚାଇବା ପାଇଁ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ସଂକଳ୍ପ ନେଇଛନ୍ତି । ଏହାର ଏକ ସଂପୂର୍ଣ୍ଣ ରୂପରେଖ ପ୍ରସ୍ତୁତ କରାଯାଇ ବାସ୍ତବ ରୂପ ଦେବାକୁ ଚଳିତ ମାସ ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ମହାଧିବେଶନ ଅନୁଷ୍ଠିତ ହେବ । ଏହି ଦୁଇ ଦିନିଆ ମହାଧିବେଶନରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ଅଧକ୍ଷା ଶ୍ରୀମତୀ ବିଜୟା ରାହତକର ଯୋଗ ଦେବେ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି ।

ମହିଳାମାନଙ୍କୁ ସୁରକ୍ଷା, ଗ୍ରାମାଂଚଳରେ ମଦର ବ୍ୟାପକ କାରବାର କାରଣରୁ ଯୁବକମାନଙ୍କୁ ପଥଭ୍ରଷ୍ଟ କରୁଥିବା ରାଜ୍ୟ ସରକାରଙ୍କ ବିରୁଦ୍ଧରେ ରଣନୀତି, ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଥିବା ନାରୀମାନଙ୍କ ସମସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଆସୁଥିବା କେନ୍ଦ୍ରୀୟ ଅନୁଦାନକୁ ଦଳୀୟ ଭିତରେ ବାଂଟିବା, ଅନୁଦାନରୁ ବଂଚିତ ହୋଇ ୪ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ବାଦ୍ ପଡିବା, ମମତା ଯାଜନା ପାଇଁ ଆସୁଥିବା କେନ୍ଦ୍ରୀୟ ସହାୟତାକୁ ଦଳୀୟ ଭିତିରେ ବଂଟନ, ନାରୀମାନେ ଶିକ୍ଷାରୁ ବଂଚିତ ହେବା, ମହିଳାମାନଙ୍କୁ ରୋଜଗାରକ୍ଷମ ନକରାଇବା, ଦିନକୁ ଦିନ ନାବାଳିକା ଦୁଷ୍କର୍ମ ବୃଦ୍ଧି ପାଇବା, ରାଜ୍ୟର ସମସ୍ତ ଥାନାରେ ମହିଳା ଅଭିଯୋଗକାରୀଙ୍କ ଏତଲା ରଖାନଯିବା, ଶାସକ ଦଳ ଚାପରେ ପୀଡିତା ମହିଳାମାନଙ୍କର ଏତଲା ରୁଜୁ ନହେବା, ରାଜ୍ୟର ମହିଳା ଓ ଭଉଣୀମାନେ ଶୋଷଣ ଶିକାର ହେବା,  ମହିଳାମାନଙ୍କ ସୁରକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ଭାବେ ଦୃଷ୍ଟାନ୍ତମୂଳକ ଆଇନ ନହେବା ଆଦି ପ୍ରସଙ୍ଗ ଏହି ଦୁଇ ଦିନିଆ ମହାଧିବେଶନର ମୁଖ୍ୟ ଆଲୋଚନାର ବିନ୍ଦୁ ହେବ ବୋଲି ଶ୍ରୀମତୀ ପରିଡା ସୁଚନା ଦେଇଛନ୍ତି ।

ରାଜ୍ୟରେ ମା' ଭଉଣୀ ଆଜି ଅସୁରକ୍ଷିତ ହୋଇ ପଡିଛନ୍ତି । ମହିଳାମାନେ  ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିକାଶ,ରୋଜଗାର ଏବଂ ସୁରକ୍ଷା ଆଦିରୁ ବଂଚିତ ହେଉଛନ୍ତି । ଏପରିକି ନିଜର ନ୍ୟାର୍ଯ୍ୟ ଦାବିରୁ ବଂଚିତ ହୋଇ ଆତ୍ମହତ୍ୟା ଭଳି କଠୋର ପଦେକ୍ଷପକୁ ଆପଣାଉଛନ୍ତି । ଦିନ ଦ୍ୱିପ୍ରହରରେ ନାବାଳିକା ଦୁଷ୍କର୍ମର ଶିକାର ହେଉଛି । ପୀଡିତାକୁ ନା ପ୍ରଶାସନ ନ୍ୟାୟ ଦେଇପାରୁଛି ନା ସରକାର । ଏଠି କେବଳ ହୀନ ରାଜନୀତି ଓ ଆତ୍ମ ପ୍ରଚାରକୁ ଛାଡିଦେଲେ ଶାସକ ବିଜେଡରି ଯେମିତି ଆଉ କୌଣସି ଭୂମିକା ହିଁ ନାହିଁ । ବଡ ବଡ ହୋଡିଂରେ ପ୍ରଚାର ହେଉଛି 'ନାରୀକୁ ସମ୍ମାନ', କିନ୍ତୁ ବାସ୍ତବତା ଆଉ କିଛି ବୟାନ କରୁଛି । କିଏ କେତେ ନାରୀମାନଙ୍କୁ ସମ୍ମାନ ଦେଉଛି ତାହା ଖବର କାଗଜର ପୃଷ୍ଠାରୁ ଜଣାପଡୁଛି । ରାଜ୍ୟରେ କେଉଁଠି ନାବାଳିକା ଦୁର୍ଷ୍କମ ତ ଆଉ କେଉଁଠି ଆମ୍ବୁଲାନ୍ସ ଅଭାବରୁ ରାସ୍ତାରେ ଗର୍ଭବତୀ ମହିଳା ପ୍ରସବ କରୁଛି । ଏହା କ'ଣ ଦୀର୍ଘ ୧୯ ବର୍ଷ ସରକାରର ବିକାଶ ଏବଂ ଏହା କ'ଣ ନାରୀକୁ ସମ୍ମାନ ବୋଲି ରାଜ୍ୟ ସରକାରଙ୍କୁ  ଶ୍ରୀମତୀ ପରିଡା ପ୍ରଶ୍ନ କରିଛନ୍ତି ।

ମହିଳା ସୁରକ୍ଷାଯାତ୍ରାରେ ୮ ହଜାର ୫ଶହ ୫୬ କାର୍ଯ୍ୟାକର୍ତା ତୃଣମୂଳ ସ୍ତରରେ ଯୋଡି ହୋଇଥିଲେ । ଏହି ଯାତ୍ରା ମାଧ୍ୟମରେ ମହିଳା ମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ଦିନରେ କିପରି ରାଜ୍ୟର ମହିଳାମାନେ ସୁରକ୍ଷିତ ରହିବେ ସେ ସମ୍ବନ୍ଧରେ ଏହି ଅଧିବେଶନରେ ଆଲୋଚନା ହେବା ସହ ମହିଳା ବିରୋଧି ସରକାରର ବିରୁଦ୍ଧରେ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହେବ । ସାରା ଓଡିଶାର ମହିଳା ନେତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ । ଓଡିଶାର ମା' ମାନଙ୍କୁ  ଶକ୍ତିଶାଳୀ କରାଇବା ସହ ସ୍ୱୟଂସଂପୂର୍ଣ୍ଣା କରାଇବା ଏହି ଅଧିବେଶନର ପ୍ରମୁଖ ଲକ୍ଷ୍ୟ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ସୁଦୀପ୍ତ ରାୟ ଓ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**